ଭାରତରେ ସ୍ୱାଧୀନତା ଆନ୍ଦୋଳନ

ଅଧ୍ୟାପକ ବିକ୍ରମ କେଶରୀ ବର୍ମା

୧୮୫୭ ମସିହା ସିପାହୀ ବିଦ୍ରୋହଠାରୁ ୧୯୪୨ମସିହା ଭାରତଛାଡ ଆନ୍ଦୋଳନ ପର୍ଯ୍ୟନ୍ତ ବହୁ ଆନ୍ଦୋଳନ ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭକଲା ।

ଓଡ଼ିଶା ପାଇକ ବିଦ୍ରୋହ– ୧୮୫୭ ମସିହାର ୪୦ବର୍ଷ ପୂର୍ବରୁ ୧୮୧୭ ମସିହାରେ ଓଡ଼ିଶାରେ ଇଂରେଜ ସରକାରଙ୍କ କୁଶାସନ ଓ ଅତ୍ୟାଚାର ବିରୋଧରେ ପାଇକ ବିଦ୍ରୋହ ହୋଇଥିଲା । ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ ତାପଙ୍ଗ ଦଳବେହେରା, ଖୋର୍ଦ୍ଧା ରାଜା ଦ୍ୱିତୀୟ ମୁକୁନ୍ଦ ଦେବ ପ୍ରମୁଖ ପାଇକ ବିଦ୍ରୋହର ନେତୃତ୍ୱ ନେଇଥିଲେ । ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନ ବିରୋଧରେ ଓଡ଼ିଶାର ପାଇକ ବିଦ୍ରୋହ ପ୍ରଥମ ବିଦ୍ରୋହ ହେଲେ ମଧ୍ୟ ଜାତୀୟ ସ୍ତରରେ ଐତିହାସିକମାନେ ଏଥିପ୍ରତି ଗୁରୁତ୍ୱ ଦେଇନଥିବା ପରିତାପର ବିଷୟ ।

ସିପାହୀ ବିଦ୍ରୋହ–୧୮୫୭ ମସିହାରେ ଇଂରେଜ ସରକାରଙ୍କ ରାଜସ୍ୱତ୍ୱ ଲୋପ ନୀତି ବିରୋଧରେ ସିପାହୀ ବିଦ୍ରୋହ ହୋଇଥିଲା । ଝାନ୍ସୀ ରାଣୀ ଲକ୍ଷ୍ମୀବାଈ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ, ମହାରାଷ୍ଟ୍ରର ନାନା ସାହେବ ପ୍ରମୁଖ ସିପାହୀ ବିଦ୍ରୋହର ନେତୃତ୍ୱ ନେଇଥିଲେ । କିନ୍ତୁ ସିପାହୀ ବିଦ୍ରୋହ ସଫଳ ହୋଇପାରି ନଥିଲା । ସିପାହୀ ବିଦ୍ରୋହ ଫଳରେ ଇଷ୍ଟ ଇଣ୍ଡିଆ କମ୍ପାନୀ ହାତରୁ ଭାରତର ଶାସନ କ୍ଷମତା ଇଂରେଜ ସରକାର କାଢିନେଇ ନିଜେ ଭାରତ ଶାସନର ଦାୟିତ୍ୱ ନେଲେ ।

ଅବସରପ୍ରାପ୍ତ ଇଂରେଜ ଆଇ.ସି.ଏସ୍. ଅଫିସର ଓକ୍ଟାଭିଆନ୍ ହ୍ୟୁମ୍‌ଙ୍କ ଉଦ୍ୟମରେ ବମ୍ବେଠାରେ ଭାରତୀୟ ବୁଦ୍ଧିଜୀବୀମାନଙ୍କର ଏକ ବୈଠକ ବସି ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହୋଇଥିଲା । ଉମେଶ ଚନ୍ଦ୍ର ବାନାର୍ଜୀ ଏହି ପ୍ରଥମ ବୈଠକରେ ସଭାପତିତ୍ୱ କରିଥିଲେ । କଂଗ୍ରେସ ଦଳ ଗଠନର ଲକ୍ଷ୍ୟ ଥିଲା ବ୍ରିଟିଶ ସରକାର ଯେଉଁସବୁ ଭଲକାମ କରୁଛନ୍ତି, ତାହା ଲୋକମାନଙ୍କୁ ଜଣାଇବା ଓ ଲୋକମାନଙ୍କର ଅଭାବ ଅସୁବିଧା ସରକାରଙ୍କୁ ଜଣାଇବା ।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ କଂଗ୍ରେସର ଆଭିମୁଖ୍ୟ ପରିବର୍ତ୍ତନ ହେଲା । କଂଗ୍ରେସ ଦଳ ଚରମପନ୍ଥୀ ଓ ନରମପନ୍ଥୀ ଭାବେ ଦୁଇ ଭାଗରେ ବିଭକ୍ତ ହେଲେ । ଲାଲା ଲଜ୍‌ପତ ରାୟ, ବାଲ ଗଙ୍ଗାଧର ତିଲକ୍, ବିପିନ୍ ଚନ୍ଦ୍ର ପାଲ୍ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ କଂଗ୍ରେସର ସୁରାଟ ଅଧିବେଶନରେ ଦେଇଥିବା ପ୍ରସ୍ତାବ ଗୋପାଳକୃଷ୍ଣ ଗୋଖେଲଙ୍କ ବିରୋଧ ଫଳରେ ଗୃହୀତ ହୋଇପାରି ନଥିଲା । ଫଳରେ ଚରମପନ୍ଥୀମାନେ ଅଲଗା ହୋଇ ଯାଇଥିଲେ । ସେମାନେ ବଙ୍ଗ ଭଙ୍ଗ ଆନ୍ଦୋଳନକୁ ଦୃଢ ସମର୍ଥନ ଜଣାଇଥିଲେ । ବଙ୍ଗ ଭଙ୍ଗ ଆନ୍ଦୋଳନ ପ୍ରବଳ ହେବାରୁ ସରକାର ତାଙ୍କ ନୀତି ପରିବର୍ତ୍ତନ କରିଥିଲେ । ୧୯୦୫ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନ ସଫଳ ହୋଇଥିଲା । ମୋହନ ଦାସ କରମ ଚାନ୍ଦ ଗାନ୍ଧୀ (ଯେ କି ପରେ ମହାତ୍ମା ଗାନ୍ଧୀ ନାମରେ ପରିଚିତ ହେଲେ) ୧୯୧୫ ମସିହା ବେଳକୁ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିଲେ । ଦକ୍ଷିଣ ଆଫ୍ରିକାର ବର୍ଣ୍ଣ ବୈଷମ୍ୟ ନୀତି ବିରୋଧରେ ସେ ସତ୍ୟାଗ୍ରହ କରି ସଫଳ ହୋଇଥିଲେ । ମହାତ୍ମା ଗାନ୍ଧୀ କଂଗ୍ରେସରେ ଯୋଗଦେବା ପରେ କଂଗ୍ରେସର ଆଭିମୁଖ୍ୟ ପରିବର୍ତ୍ତନ ହେଲା । ଇଂରେଜ ସରକାରଙ୍କ ବିରୋଧରେ ଅହିଂସା ଅସହଯୋଗ ଆନ୍ଦୋଳନ କରିବା ପାଇଁ ସେ ଆହ୍ୱାନ ଦେଲେ । ମହାତ୍ମା ଗାନ୍ଧୀଙ୍କ ପ୍ରଚେଷ୍ଟାରେ ପଣ୍ଡିତ ମୋତିଲାଲ ନେହେରୁଙ୍କ ପୁତ୍ର ଜବାହରଲାଲ ନେହେରୁ, ବିହାରର ଡଃ. ରାଜେନ୍ଦ୍ର ପ୍ରସାଦ ଓ ଗୁଜୁରାଟର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପ୍ରମୁଖ କଂଗ୍ରେସରେ ଯୋଗଦେଲେ । ୧୯୨୦ ମସିହାରେ ପଣ୍ଡିତ

ଗୋପବନ୍ଧୁ ଦାସ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଦ ଗ୍ରହଣ କଲେ ।

ଅହିଂସା ଅସହଯୋଗ ଆନ୍ଦୋଳନ: ୧୯୨୧ ମସିହାରେ ଅହିଂସା ଅସହଯୋଗ ଆନ୍ଦୋଳନ ଆକୁମାରୀ ହିମାଚଳ ବ୍ୟାପିଗଲା । ମହାତ୍ମା ଗାନ୍ଧୀଙ୍କ ସମେତ କଂଗ୍ରେସ ନେତୃବର୍ଗ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହୋଇ କାରାବରଣ କଲେ । ହଜାର ହଜାର କଂଗ୍ରେସ କର୍ମୀ ମଧ୍ୟ ଗିରଫ ହେଲେ । ଏହି ଆନ୍ଦୋଳନ ସମଗ୍ର ଭାରତରେ ବ୍ୟାପିଗଲା । ହଠାତ୍ ମହାତ୍ମା ଗାନ୍ଧୀ ଜେଲ୍ ଭିତରୁ ଆନ୍ଦୋଳନ ପ୍ରତ୍ୟାହାର କରାଗଲା ବୋଲି ଘୋଷଣା କଲେ । ସମଗ୍ର ଭାରତ ସ୍ତମ୍ଭୀଭୂତ ହୋଇଗଲା । ବିହାରର ଚୌରୀଚୌରାଠାରେ ସାଧାରଣ ଜନତା ଜଣେ ପୋଲିସ କର୍ମଚାରୀଙ୍କୁ ଜୀଅନ୍ତା ପୋଡିଦେଲେ । ମହାତ୍ମା ଗାନ୍ଧୀ ଏ ସମ୍ବାଦ ପାଇବା ମାତ୍ରେ ଆନ୍ଦୋଳନ ପ୍ରତ୍ୟାହାର କରିନେଇ କହିଥିଲେ– ମୁଁ ହିମାଳୟ ପରି ଭୁଲ କରିଅଛି । କାରଣ ଜନସାଧାରଣଙ୍କୁ ଅହିଂସା ମାର୍ଗ ସମ୍ପର୍କରେ ସମ୍ୟକ୍ ଧାରଣା ନଦେଇ ମୁଁ ସେମାନଙ୍କୁ ଏତେବଡ ଆନ୍ଦୋଳନକୁ ଠେଲିଦେଲି । ତା'ପରେ ସେ ସାରା ଭାରତରେ ପଦଯାତ୍ରା କରି ଅହିଂସାର ଉପାଦେୟତା ବିଷୟରେ ଓ ବିଭିନ୍ନ ରଚନାତ୍ମକ କାର୍ଯ୍ୟ– ସୂତା କାଟିବା, ଖଦଡ ଲୁଗା ବୁଣିବା ଓ ପରିଧାନ କରିବା, ଅସ୍ପୃଶ୍ୟତା ନିବାରଣ, ନାରୀ ଶିକ୍ଷାର ପ୍ରସାର ଆଦି କରିବା ପାଇଁ ଦେଶବାସୀଙ୍କୁ ପରାମର୍ଶ ଦେଲେ ।

ଲବଣ ସତ୍ୟାଗ୍ରହ– ଇଂରେଜ ସରକାର ଲୁଣ ଉପରେ ଟିକସ ବସାଇବାରୁ ମହାତ୍ମା ଗାନ୍ଧୀ ଲବଣ ସତ୍ୟାଗ୍ରହ ଆରମ୍ଭ କରିଥିଲେ । ସେ ନିଜେ ହଜାର ହଜାର କଂଗ୍ରେସ କର୍ମୀଙ୍କ ସହ ସାବରମତୀ ଆଶ୍ରମରୁ ଦାଣ୍ଡି ଅଭିମୁଖେ ପଦଯାତ୍ରା କରି ସମୁଦ୍ରରୁ ଲୁଣ ମାରିଥିଲେ । ଏହା ଦାଣ୍ଡି ଅଭିଯାନ ନାମରେ ପ୍ରସିଦ୍ଧି ଲାଭ କରିଥିଲା । ଓଡ଼ିଶାର ଇରମଠାରେ ଲବଣ ସତ୍ୟାଗ୍ରହ କରି ବ୍ରିଟିଶ୍ ସୈନ୍ୟଙ୍କ ଗୁଳିରେ ୧୨ଜଣ ସତ୍ୟାଗ୍ରହୀ ପ୍ରାଣ ହରାଇଥିଲେ ଓ ଇରମ ମାଟି ରକ୍ତରେ ଲାଲ୍ ହୋଇଯାଇଥିଲା ।

ଭାରତ ଛାଡ ଆନ୍ଦୋଳନ– ୧୯୩୯ ମସିହାରେ ୨ୟ ବିଶ୍ୱ ଯୁଦ୍ଧ ଲାଗିଗଲା । ବ୍ରିଟିଶ ସରକାର ଭାରତର ମତ ନନେଇ ଭାରତ ମିତ୍ର ପକ୍ଷରେ ଯୋଗଦେଲା ବୋଲି ଘୋଷଣା କଲେ ଓ ଭାରତୀୟ ସୈନ୍ୟଙ୍କୁ ଯୁଦ୍ଧରେ ମୁତୟନ କଲେ । ତେଣୁ ଯେଉଁସବୁ ରାଜ୍ୟରେ କଂଗ୍ରେସ ସରକାର ଥିଲେ ସେମାନେ ଇସ୍ତଫା ଦେବାକୁ କଂଗ୍ରେସ ହାଇକମାଣ୍ଡ ନିର୍ଦ୍ଦେଶ ଦେଲେ । ଓଡ଼ିଶାରେ ବିଶ୍ୱନାଥ ଦାସଙ୍କ କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ପ୍ରଦାନ କଲା । ୧୯୪୨ ଅଗଷ୍ଟ ୮ରେ ଭାରତୀୟ ଜାତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକ ବମ୍ବେଠାରେ ଅନୁଷ୍ଠିତ ହୋଇ ଅଗଷ୍ଟ ନଅ ତାରିଖରୁ ଇଂରେଜ ସରକାରଙ୍କ ବିରୋଧରେ ଭାରତଛାଡ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଲା । ସେହିଦିନ ସଂଧ୍ୟାରେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଚକ୍ରବର୍ତ୍ତୀ ରାଜ ଗୋପାଲଚାରୀ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଡକ୍ଟର ହରେକୃଷ୍ଣ ମହତାବ ପ୍ରମୁଖ ସମସ୍ତ କାର୍ଯ୍ୟକାରୀ ସମିତି ସଭ୍ୟମାନଙ୍କୁ ଗିରଫ କରାଯାଇ ଅହମ୍ମଦାବାଦ ଦୁର୍ଗରେ ରଖାଗଲା । ହଜାର ହଜାର କଂଗ୍ରେସ ନେତା ଓ କର୍ମୀମାନଙ୍କୁ ଦେଶସାରା ଗିରଫ କରାଯାଇ କାରାଗାରରେ ରଖାଗଲା । ତଥାପି ଭାରତଛାଡ ଆନ୍ଦୋଳନ ସାରା ଦେଶରେ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଗଲା । ଜୟପ୍ରକାଶ ନାରାୟଣ, ଡକ୍ଟର ରାମମନୋହର ଲୋହିଆ, ଅରୁଣା ଆସଫ୍ ଅଲ୍ଲି, ଓଡ଼ିଶାର ସୁରେନ୍ଦ୍ର ନାଥ ଦ୍ୱିବେଦୀ ପ୍ରମୁଖ ଗିରଫ ଏଡାଇ ଲୁଚି ରହି ଆନ୍ଦୋଳନ ପରିଚାଳନା କଲେ। ବ୍ରିଟିଶ ସରକାରଙ୍କ ପାଇଲଟ୍ ବିଜୁ ପଟ୍ଟନାୟକ ଏମାନଙ୍କୁ ଗୁପ୍ତରେ ବିମାନରେ ବସାଇ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ନେଇ ଯାଉଥିଲେ । ଶେଷରେ ବିଜୁ ପଟ୍ଟନାୟକ ଧରାପଡି ଗିରଫ ହୋଇ ଜେଲ୍ ଗଲେ । ଦାବାଗ୍ନି ପରି ଆନ୍ଦୋଳନ ଦେଶସାରା ଚାରିଆଡେ ବ୍ୟାପିଗଲା । ଏହି ସମୟରେ ଇଂଲଣ୍ଡରେ ସରକାର ପରିବର୍ତ୍ତନ ମଧ୍ୟ ହେଲା, ଯାହା ଫଳରେ ନେତା ଚର୍ଚ୍ଚିଲ ସାହେବ ଯୁଦ୍ଧ ଜିତିଲେ ମଧ୍ୟ ନିର୍ବାଚନରେ ତାଙ୍କ ଦଳ ପରାସ୍ତ ହେଲା ଓ ଶ୍ରମିକ ଦଳ ସଂଖ୍ୟାଗରିଷ୍ଠତା ଲାଭ କରିବାରୁ ଅଟ୍‌ଲି ପ୍ରଧାନମନ୍ତ୍ରୀ ହେଲେ । ସେ ଭାରତର ସପକ୍ଷବାଦୀ ଥିଲେ । ଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କଲା ।

ମାହାଙ୍ଗା, କଟକ

❖ ❖ ❖